# ତଥାପି ଅପୂର୍ଣତାବୋଧରୁ ଛୁଟି ନାହିଁ - ମନୋଜ ଦାସ



ଚଳନ୍ତି ଓଡ଼ିଆ କଥା-ସାହିତ୍ୟ କ୍ଷେତ୍ରରେ ଆଂତର୍ଜାତିକ ଖ୍ୟାତିସଂପନ୍ନ କଥାଶିଳ୍ପୀ ମନୋଜ ଦାସ କେବଳ ଏକ ଔପଚାରିକତାଆହୃତ ଅଗ୍ରୋଚ୍ଚାରଣ ନୁହନ୍ତି, ପରନ୍ତୁ ଏହାର ଜାତୀୟ ଓ ତଦୂତ୍ତର ସ୍ୱୀକୃତିର ଅନ୍ୟତମ ପ୍ରମୁଖ ସ୍ଥପତି ଭାବେ ସେ ଏକାନ୍ତ ସୁପରିଚିତ ଓ ସୁସମ୍ମାନିତ । ଦୀର୍ଘକାଳ ଓଡ଼ିଶାଠାରୁ ଦୂରରେ ରହି ସୁଦ୍ଧା ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ଗୁଣାତ୍ମକ ଓ ପରିମାଣାତ୍ମକ ଅବଦାନକୁ ଲକ୍ଷ୍ୟ କଲେ ଅଭିଭୂତ ହେବାକୁ ହୁଏ । ଏକାଧାରରେ ସେ ଗଳ୍ପ, ଉପନ୍ୟାସ, କବିତା, ଉପନ୍ୟାସିକା, ଭ୍ରମଣ କାହାଣୀ, ପ୍ରବନ୍ଧ, ଶିଶୁ ସାହିତ୍ୟ, ଅନୁବାଦ, ଜୀବନୀ ପ୍ରଭୃତି ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରିଛନ୍ତି ଏବଂ ପରଶମଣିତୁଲ୍ୟ ତାଙ୍କ ସୁବର୍ଣ ଲେଖନୀର ସ୍ପର୍ଶ ସେ ସମସ୍ତ ରଚନାକୁ କରିଛି କାଳଜୟୀ ଓ ଅନନ୍ୟ । ମଣିଷର ଜଟିଳ ମନସ୍ତତ୍ତ୍ୱ, ମାନସିକ ଦ୍ୱନ୍ଦ୍ୱ ଓ ସଂଘାତ, ସତ୍ୟର ନାନା ସୂକ୍ଷ୍ମ ସୂତ୍ର, ମଣିଷର ଚାରିତ୍ରିକ ବୈଚିତ୍ର୍ୟ, ତା'ର ଘୋର ଅସହାୟତା ଓ କାରୁଣ୍ୟ ପ୍ରଭୃତି ମୁଖ୍ୟତଃ ମନୋଜ-କଥାୟତନର ପ୍ରଧାନ ଉପଜୀବ୍ୟ । ଭାଷା-ଶୈଳୀ ଦୃଷ୍ଟିରୁ ମନୋଜ ଓଜସ୍ୱୀ ସମ୍ଭ୍ରାନ୍ତ ଅଥଚ ମୌଳିକ ସର୍ଜନଶୀଳ କଳାତ୍ମକ ଶୈଳ୍ପିକତାରେ ଉଜ୍ଜ୍ୱଳ ଏକ ଅବ୍ୟର୍ଥ ବାଙ୍ମୟ ପୃଥିବୀ ନିର୍ମାଣ କରନ୍ତି, ଯାହା ଅନନୁକରଣୀୟ ଏବଂ ସଂପୂର୍ଣ ମନୋଜୀୟ । 'ଅପୂର୍ବା' ଲାଗି ମନୋଜ ଦାସଙ୍କର ଏହି ବିଶେଷ ଓ ସ୍ୱତନ୍ତ୍ର ସାକ୍ଷାତକାର ଏକ ଦ୍ୱିଶାଖ ଶୈଳୀରେ ସଂପନ୍ନ ହୋଇଛି । ପ୍ରଥମ ଭାଗରେ ପରିବେଷିତ ହେଉଛି ସାହିତ୍ୟ ସ୍ରଷ୍ଟା ମନୋଜ ଦାସଙ୍କ ସହିତ କବି ଡକ୍ଟର ପ୍ରସନ୍ନ କୁମାର ମହାନ୍ତିଙ୍କ ନିବିଡ଼ ଆଳାପର ପର୍ବ ଏବଂ ଦ୍ୱିତୀୟ ଭାଗରେ ରହିଛି ତାଙ୍କ ସହ କବି ମମତା ଦାଶଙ୍କର ଅନ୍ତରଙ୍ଗ ଆଳାପର ପର୍ଯ୍ୟାୟ ।

-ସଂପାଦକ



**ପ୍ରସନ୍ନ:** 'ସମୁଦ୍ରର କ୍ଷୁଧା' ୧୯୫୦ ପୂର୍ବରୁ ରଚିତ ଓ ଆପାତତଃ ଆପଣଙ୍କ ପ୍ରଥମ ଗଳ୍ପଭାବେ ଗୃହୀତ । ଗପ ଲେଖିବା ପୂର୍ବରୁ 'କୁଙ୍କୁମ', 'ନବ ଭାରତ' ଓ 'ଦୈନିକ ଆଶା'ରେ ଆପଣ କିନ୍ତୁ ପ୍ରଥମେ କବିତା ହିଁ ଲେଖିଥିଲେ ବୋଧେ । କବିତା ଲେଖା ବନ୍ଦ ହେଲା କିପରି ?

**ମନୋଜ:** କବିତା ଲେଖା ଯେ ସିଦ୍ଧାନ୍ତ ନେଇ 'ବନ୍ଦ' କରିଥିଲି, ତାହା ନୁହେଁ । ଆପଣାର ପ୍ରେରଣା ତଥା ପରିବେଶ ପରିସ୍ଥିତିର ଦାବି ଦ୍ୱାରା ପରିଚାଳିତ ହୋଇ ଗଳ୍ପ ରଚନା ଉପରେ ଅଧିକ ଧ୍ୟାନ ଦେଇଥିଲି, ମଧ୍ୟେମଧ୍ୟେ କିନ୍ତୁ କବିତା ବି ଲେଖୁଥିଲି ।



'ଅପୂର୍ବା'ର ଏକ ପୃଷ୍ଠାରେ ମଗ୍ନ ମନୋଜ

**ପ୍ରସନ୍ନ:** କଥା-ସାହିତ୍ୟରେ ଆପଣଙ୍କ ସାଫଲ୍ୟ ସହ ଆପଣଙ୍କ କାବ୍ୟିକ ସାଫଲ୍ୟ ତୁଳନୀୟ ବୋଲି ଆପଣ ଭାବନ୍ତି କି ?

**ମନୋଜ:** ସେ ବିଷୟରେ ମୁଁ ନିଃସନ୍ଦେହ ।

**ପ୍ରସନ୍ନ:** ଆପଣ ନିଜ ଗଦ୍ୟରେ ବିଶୁଦ୍ଧ ଶବ୍ଦ ସମ୍ଭାର ସହ ଏକ ସମ୍ଭ୍ରାନ୍ତ ବାକ୍ୟରୀତିକୁ ଅଧିକତଃ ଗ୍ରହଣ କରିଛନ୍ତି ଏବଂ ସେଥିରେ ଓଡ଼ିଆ ଭାଷାର ଅସାଧାରଣ ସାରସ୍ୱତ ଐଶ୍ୱର୍ଯ୍ୟର ସମ୍ଭାବନା ସାବ୍ୟସ୍ତ କରିଛନ୍ତି । ନିଜ ଭାଷା-ଶୈଳୀର ଏ ପ୍ରକରଣ କିପରି ଅବତରଣ କଲା ?

**ମନୋଜ:** ମୋ ଲେଖକ ଜୀବନରେ ଶୈଳୀ ସର୍ବଦା ବିଷୟବସ୍ତୁ ଏବଂ ବକ୍ତବ୍ୟକୁ ସ୍ୱତଃସ୍ଫୂର୍ତ୍ତ ଭାବରେ ଅନୁସରଣ କରିଛି- ଏହାହିଁ ମୋର ବିଶ୍ୱାସ । ଯଦି କହିବି ସେ 'ଅବତରଣ'ର ରହସ୍ୟ ଏହି ସ୍ୱତଃସ୍ଫୂର୍ତ୍ତତା ଭିତରେ ନିହିତ ତେବେ ଭୁଲ ହେବ ନାହିଁ ବୋଲି ମୋର ବିଶ୍ୱାସ ।

**ପ୍ରସନ୍ନ:** ଫକୀରମୋହନଙ୍କ ପରି ଗ୍ରାମ୍ୟ ମଣିଷର ଭାଷା ଏବଂ ମନୋଜ ଦାସଙ୍କ ଗଭୀର ଜୀବନବୋଧ ଓ କଳାତ୍ମକତା-ଏ ଉଭୟର ମିଶ୍ରଣ ବା ସମନ୍ୱୟ କ'ଣ ସମ୍ଭବ ?

**ମନୋଜ:** ସୃଜନଶୀଳ ସାହିତ୍ୟ କ୍ଷେତ୍ରରେ ଜଣେ ଲେଖକଙ୍କ ଆଭିମୁଖ୍ୟ ଏବଂ ଶୈଳୀ ସହ ଆଉଜଣେ ଲେଖକର ଆଭିମୁଖ୍ୟ ଏବଂ ଶୈଳୀର 'ମିଶ୍ରଣ'ର ପ୍ରଶ୍ନ ମୋତେ ଅବାସ୍ତବ ଲାଗୁଛି । ଯଦି କୌଣସି ଲେଖକ ସଚେତନ ଭାବରେ ସେଭଳି ମିଶ୍ରଣ ସକାଶେ ପ୍ରୟାସୀ ହେବ, ତେବେ ସେ ସ୍ୱଧର୍ମଚ୍ୟୁତ ହେବ । ଐତିହ୍ୟର ଆଭ୍ୟନ୍ତରୀକରଣ (assimilation) ଭିନ୍ନ କଥା । ଫକୀରମୋହନ ମୋ ଭିତରେ ରହିଛନ୍ତି । ମୁଁ ତାଙ୍କ ଭିତରେ ଥିଲି ଅସ୍ଫୁଟ ପ୍ରତିଶ୍ରୁତି ରୂପେ । ସେମିତି ମୋ ସମସାମୟିକ ଏବଂ ପରବର୍ତ୍ତୀ ପୁରୁଷର ଲେଖକମାନଙ୍କ ଭିତରେ ଏ ଲେଖକ ରହିବ; ସେମାନେ ବି ମୋ ଭିତରେ ଅଦୃଶ୍ୟ ରହିଛନ୍ତି । କିନ୍ତୁ ଏହି ପଦ୍ଧତି ସ୍ୱାଭାବିକ ଭାବରେ କାର୍ଯ୍ୟକାରୀ ହେଲେ ପରବର୍ତ୍ତୀ ପିଢ଼ିର ଲେଖକମାନଙ୍କ ମୌଳିକତା ବ୍ୟାହତ ହେବନାହିଁ । ଅର୍ଥାତ୍ ଦ୍ୱିତୀୟ ପୁରୁଷର ଲେଖକଟିଏ ପୂର୍ବବର୍ତ୍ତୀ ପୁରୁଷର ଲେଖକର କେଉଁ ଦିଗ ବା ବିଭବକୁ ନିଜ ପ୍ରତିଭା ସହ ସାମିଲ କରିନେବ, ତାହା ତା'ର ମାନସିକ ସିଦ୍ଧାନ୍ତ ଉପରେ ନିର୍ଭର କରିବ ନାହିଁ । ଏପରିକି ସାମିଲ୍ କରିନେଉଥିବା ଲେଖକ ସେ ସଂପର୍କରେ ନିଜେ ଅବହିତ ରହିବ ନାହିଁ । ଏହାହିଁ ପରଂପରା ଏବଂ ଅତୀତ-ବର୍ତ୍ତମାନ ଭିତରେ ସୁସ୍ଥ ସ୍ୱାଭାବିକ ସଂପର୍କ ।

ବର୍ତ୍ତମାନ ଆପଣଙ୍କ ପ୍ରଶ୍ନର ଅନ୍ୟ ଏକ ଦିଗ ଉପରେ ଧ୍ୟାନ ଦେବା । ଗ୍ରାମ୍ୟ ଭାଷା ଓ ଗଭୀର ଜୀବନବୋଧ ତଥା କଳାତ୍ମକତା ଭିତରେ ମିଶ୍ରଣ ବା ସମନ୍ୱୟ ସମ୍ଭବ ନୁହେଁ ବୋଲି କହିହେବ ନାହିଁ- ଯଦି ଲେଖକ କେଉଁ ସ୍ଥଳରେ କେଉଁ ଗୋଟିକ ପ୍ରଯୁକ୍ତ, ସେ ସଂପର୍କରେ ବାସ୍ତବ ରସବୋଧ ସଂଜୀବିତ ରଖିଥିବ ନିଜ ଭିତରେ । ଧରନ୍ତୁ ଦୁଇ ଚରିତ୍ର ଗ୍ରାମୀଣ; ସେମାନଙ୍କ ସଂଳାପ ଗ୍ରାମୀଣ ହେବା ସ୍ୱାଭାବିକ । କିନ୍ତୁ କାହାଣୀର ଗଭୀରତର ବକ୍ତବ୍ୟକୁ ଲେଖକ ସେମାନଙ୍କ ସଂଳାପ ମାଧ୍ୟମରେ ନୁହେଁ, ତା' ନିଜର ସ୍ୱାଭାବିକ ଭାଷା-ସ୍ତରରେ ଅଭିବ୍ୟକ୍ତ କରିବ । ଏଠାରେ ଗ୍ରାମ୍ୟ ଭାଷାକୁ ଆପଣ ଯଦି ସରଳ ଭାଷାର ପ୍ରତିଶବ୍ଦ ଭାବରେ ବ୍ୟବହାର କରୁଥିବେ, ତେବେ ତାହା ଭିନ୍ନ କଥା । ଏକ ଉପନ୍ୟାସର ସମଗ୍ର ଭାଷା ସରଳ ହେବା ସତ୍ତ୍ୱେ ତାହା ଗଭୀର ଭାବବ୍ୟକ୍ତ କରିପାରେ ।

**ପ୍ରସନ୍ନ:** ସୃଜନ ସମ୍ଭାବନା ସଂପର୍କରେ ଏହା ଆପଣଙ୍କ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ବିଚାର । ତେବେ ସାହିତ୍ୟିକ ଯଦି ଅନାଗତ-ଦ୍ରଷ୍ଟା, ତାହେଲେ ସେ ଆଗାମୀ କାଳର ସମାଜିକ ଜୀବନ ଓ ସାରସ୍ୱତ ଶୈଳୀ ତ' ପରିଗ୍ରହଣ କରି ପାରନ୍ତା !

**ମନୋଜ:** ସାହିତ୍ୟିକ ଅନାଗତ ଦ୍ରଷ୍ଟା ? ଏ ତତ୍ତ୍ୱ କିଏ ପରିବେଷଣ କଲା-ମୋତେ ଜଣା ନାହିଁ । ଏକଦା ଋଷି-କବିମାନଙ୍କ ପ୍ରତି ଏହା ପ୍ରଯୁଜ୍ୟ ଥିଲା । ଆଜି ସାହିତ୍ୟର ପରିସର ବ୍ୟାପକ । ତହିଁ ବଣିକ-ଧର୍ମୀ ଲେଖକମାନଙ୍କ ପ୍ରାବଲ୍ୟ ଭୟଙ୍କର । ଆପଣ କ'ଣ ସେମାନଙ୍କୁ ଅନାଗତ-ଦ୍ରଷ୍ଟା ବୋଲି କହିବେ?

ଅନାଗତ ଦ୍ରଷ୍ଟା ଭିନ୍ନ ଶ୍ରେଣୀର ମଣିଷ । ସେ ସାହିତ୍ୟିକ ହୋଇପାରେ-କ୍ୱଚିତ୍ କ୍ଷେତ୍ରରେ । କିନ୍ତୁ ସାହିତ୍ୟିକ ମାତ୍ରେ ଅନାଗତ ଦ୍ରଷ୍ଟା ହେବାର ପ୍ରଶ୍ନ ହିଁ ନାହିଁ ।

**ପ୍ରସନ୍ନ:** ଆପଣଙ୍କ ଶ୍ରେଷ୍ଠ ଗଳ୍ପମାନଙ୍କ ମଧ୍ୟରେ 'ଆରଣ୍ୟକ' ତ ଅନ୍ୟତମ ହେବା ସ୍ୱାଭାବିକ; ଆପଣଙ୍କୁ ନିଜର ଆଉ କେଉଁସବୁ ଗପ ଅପେକ୍ଷାକୃତ ଅଧିକ ପରିତୃପ୍ତି ଦେଇଛନ୍ତି ?

**ମନୋଜ:** ଯେଉଁ ସମୟରେ ଯେଉଁ ଗଳ୍ପଟି ଲେଖିଛି, ତାହା ସେତିକିବେଳେ ମୋତେ ପରିତୃପ୍ତି ଦେଇଛି । ମୋର ଗଳ୍ପ-ସମଗ୍ରକୁ ନେଇ ମଧ୍ୟ (ମୋ ନିଜ ସୀମିତ ଶକ୍ତିର ପରିପ୍ରେକ୍ଷୀରେ, ଅସୀମତା ପରିପ୍ରେକ୍ଷୀରେ ନୁହେଁ) ମୁଁ ପରିତୃପ୍ତ । ତେଣୁ ଆଉ ଅଧିକ ଗଳ୍ପ ଲେଖିବାର ତାଗିଦା ଅନୁଭବ କରୁନାହିଁ ।

**ପ୍ରସନ୍ନ:** 'ମନୋଜ ଦାସଙ୍କ କଥା ଓ କାହାଣୀ'ରେ ଅନ୍ତର୍ଭୁକ୍ତ କଲାବେଳକୁ 'ଆରଣ୍ୟକ'କୁ ଆପଣଙ୍କୁ ପୁନର୍ଲିଖନ କରିବାକୁ ହୋଇଥିଲା । ଅନ୍ୟ କୌଣସି ରଚନା କ୍ଷେତ୍ରରେ ସେଭଳି ଆବଶ୍ୟକତା ଆପଣ ଅନୁଭବ କରିଛନ୍ତି କି ?



ଡ. ପ୍ରସନ୍ନ କୁମାର ମହାନ୍ତି

**ମନୋଜ:** ନା । ତେବେ ଅନ୍ୟ ଗୋଟିଏ ଯୋଡ଼ିଏ ଗଳ୍ପର ବିଷୟବସ୍ତୁକୁ ଉପନ୍ୟାସ ଭିତରେ ଅନ୍ତର୍ଲୀନ କରାଇଛି ।

**ପ୍ରସନ୍ନ: ଏକ ଇଂରାଜୀ ପୁସ୍ତକରେ ଜଣେ ଆଲୋଚକ ଆପଣଙ୍କ ବାବଦରେ କହିଛନ୍ତି,** ‘more a humorist than a satirist.’ **ଆପଣଙ୍କ ମନ୍ତବ୍ୟ ?**

**ମନୋଜ:** ସମାଲୋଚକଟିଏ ସର୍ବଦ୍ରଷ୍ଟା, ସର୍ବାନୁଭବୀ ବା ଚୂଡ଼ାନ୍ତ ସତ୍ୟର ଘୋଷକ ନୁହେଁ । ବହୁବର୍ଷ ତଳେ ଜଣେ ସମାଲୋଚକ ମୁଁ Surrealist ବୋଲି କହିଥିଲେ । କେତେକ ସମୀକ୍ଷକ ମୋ ଲେଖା ଉପରେ ଛାୟାବାଦ, ରହସ୍ୟବାଦ ଇତ୍ୟାଦି ଆରୋପ କରିଛନ୍ତି । ଯିଏ ଯେଉଁ ଦିଗଟି ଦ୍ୱାରା ଆମୋଦିତ ବା ପ୍ରଭାବିତ ହୋଇଛି, ସିଏ ସେଇ ଦିଗକୁ ଆଗକୁ ଆଣିଛି । ଏହା ସ୍ୱାଭାବିକ । ଜଣେ ଯଦି ଯଥେଷ୍ଟ ଲେଖିଥିବ ତେବେ ଅନେକ ‘ବାଦ’ ଓ ଭାବ ତା’ ଲେଖାରେ ବିଛାଡ଼ି ହୋଇ ରହିଥିବ ।

ଦ୍ୱିତୀୟତଃ Humour ଓ Satire ଭିତରେ ପାର୍ଥକ୍ୟ ହିସାବରେ ସେ ଯଦି ଭାବୁଥିବେ Satire ହେଲା କୌଣସି ବ୍ୟକ୍ତି ବିଶେଷ ବା ପ୍ରତିଷ୍ଠାନ ପ୍ରତି ବିଦ୍ରୂପ, ତେବେ ତାଙ୍କ ମନ୍ତବ୍ୟ ବେଠିକ୍ ନୁହେଁ । କିନ୍ତୁ Satire ବା ବିଦ୍ରୂପ ଏକ ସାମୂହିକ ଅଭ୍ୟାସ, ସଂସ୍କାର ବା ଆଚାର ବିଚାର ବିରୁଦ୍ଧରେ ପ୍ରଯୁକ୍ତ ହୋଇଥାଇପାରେ । ଧରନ୍ତୁ ‘ବୁଲ୍‌ଡୋଜର୍ସ’ରେ ମାଇକ୍ରୋଫୋନ୍‌ର ବ୍ୟବହାର ବିରୁଦ୍ଧରେ ବିଦ୍ରୂପ । ତାହା କୌଣସି ବ୍ୟକ୍ତି ବିଶେଷ ପ୍ରତି ଆକ୍ଷେପ ନୁହେଁ, ତାହା ସାମୂହିକ ବିବେକ-ହୀନତା ପ୍ରତି ଆକ୍ଷେପ । ‘ଲକ୍ଷ୍ମୀର ଅଭିସାର’ରେ ଯେଉଁ ପୂଜକ ‘ଲକ୍ଷ୍ମୀ’ର ଦୁର୍ଦ୍ଦଶାର ହେତୁହେଲେ, ବିଦ୍ରୂପ ସେଠାରେ ତାଙ୍କ ପ୍ରତି ନିର୍ଦ୍ଦିଷ୍ଟ ନୁହେଁ, ତାହା ପଶ୍ଚାତରେ ଥିବା ଅହଂ ଏବଂ ସଂସ୍କାର ପ୍ରତି ପ୍ରଯୋଜ୍ୟ । ବ୍ୟକ୍ତିଗତ ଭାବରେ ତାଙ୍କୁ କାହାଣୀ ଶେଷରେ ଜଣେ ସନ୍ତପ୍ତ ବିବେକୀ ଭାବରେ ଦେଖାଇଦେବା ପଛରେ ତାହାହିଁ ଆଭିମୁଖ୍ୟ । ଜଣେ ବ୍ୟକ୍ତି ଭାବରେ ଭଲ ମଣିଷଟିଏ ହେଲେ ମଧ୍ୟ ସେ ଏକ ଅପ୍ରତିରୋଧ ସାମାଜିକ ଅଭ୍ୟାସର ଉତ୍ତରାଧିକାରୀ ହୋଇପାରେ ।

ବାସ୍ତବରେ Humour ପାଇଁ Homour ମୁଁ କେବେ ବି ସୃଜି ନାହିଁ । ତାହା ଅସମ୍ଭବ ମୋ ପାଇଁ । ସେ ଦୃଷ୍ଟିରୁ ତଥାକଥିତ ସମସ୍ତ Humourous ପରିସ୍ଥିତି ଏକ ଏକ ପ୍ରତ୍ୟକ୍ଷ ବା ପରୋକ୍ଷ ବିଦ୍ରୂପ ।

**ପ୍ରସନ୍ନ: ଇତିହାସ, କିମ୍ବଦନ୍ତୀ ଓ କଳ୍ପନାର ଅଦ୍‌ଭୁତ ସମନ୍ୱୟରେ ଆପଣଙ୍କ ‘ଅମୃତଫଳ’ ଏକ ଅନନ୍ୟ ପ୍ରାୟୋପନ୍ୟାସ । ମାତ୍ର ତା’ର ଅନନ୍ୟତା ସମ୍ବନ୍ଧରେ ଯେଉଁ ନକାରାତ୍ମକ ସ୍ୱରଟିଏ ଏକଦା ଶୁଭିଥିଲା, ସେ ସଂପର୍କରେ ଆପଣଙ୍କ ସର୍ବଶେଷ ପ୍ରତିକ୍ରିୟା କ’ଣ ?**

**ମନୋଜ:** ରଚି, ରସବୋଧ, ପ୍ରଜ୍ଞା, ଗ୍ରହଣଶୀଳତାର ସ୍ତର କ’ଣ ସମସ୍ତଙ୍କର ସମାନ ହୋଇପାରେ ? ପୁଣି ଥରେ ପଚାରୁଛି, ଜଣେ ସମାଲୋଚକ କ’ଣ ସତ୍ୟର ମାନଦଣ୍ଡ ? ତେଣୁ ମୋର ‘ପ୍ରତିକ୍ରିୟା’ (ସଚରାଚର ଏ ଶବ୍ଦଟିଦ୍ୱାରା ଯାହା ବୁଝାଯାଏ)-ସେଥିରୁ ମୁଁ ସମ୍ଭବତଃ ମୁକ୍ତ । ତେବେ କେହିଜଣେ ବୁଝି ନପାରିଲେ (ଯିଏ ସମଝଦାର ବୋଲି ଆପଣଙ୍କର ଧାରଣାଥିବ) କିମ୍ବା ଅବୋଧପ୍ରାୟ ମନ୍ତବ୍ୟ ଦେଲେ ମୁଁ ସାମୟିକ ଭାବରେ ଆମୋଦିତ ହେଇଥାଏଁ । କଦାଚିତ୍ ବିସ୍ମୟ (ସାମାନ୍ୟ ମାତ୍ରାରେ) ଅନୁଭବ କରିଥାଏଁ ।

**ପ୍ରସନ୍ନ: ଆପଣଙ୍କ ଭ୍ରମଣ କାହାଣୀମାନ ପଢ଼ି ପାଠକ ଆପଣାର ନିଜ ଭ୍ରମଣାନୁଭୂତିରୁ’ ଅଧିକ ଆମୋଦିତ ହୁଏ । ଆପଣଙ୍କ ସୃଜନଶୀଳ ସାହିତ୍ୟକୃତି ସହ ସେଗୁଡ଼ିକ ତୁଳନୀୟ ନୁହେଁ କି ?**

**ମନୋଜ:** ଜଣେ ସୃଜନଶୀଳ ଲେଖକର ସୃଜନଶୀଳତାର ବିଭୂତି ତା’ର ଭ୍ରମଣ କାହାଣୀ, ରମ୍ୟରଚନା ଏପରିକି ସାମୟିକୀ (ସମ୍ବାଦପତ୍ର ସ୍ତମ୍ଭ) ଭିତରକୁ ମଧ୍ୟ ଆସିଯିବହିଁ ଯିବ ଏବଂ ସେସବୁକୁ ଉଜ୍ଜ୍ୱଳ କରିବ । କିନ୍ତୁ ତା’ ବୋଲି ସୃଜନଶୀଳ ରଚନା (ଗଳ୍ପ ଉପନ୍ୟାସ ବା କବିତା) ସହ ସେସବୁ ବନ୍ଧନିତ ହେବେ ନାହିଁ । ସୃଜନଶୀଳ ଲେଖା ପଛରେ ପ୍ରେରଣା ଥାଏ; ଏସବୁ ଲେଖା ପଛରେ ପ୍ରେରଣା ଅବଶ୍ୟ ଥାଇପାରେ, କିନ୍ତୁ ଅଧିକ



## ସଂକ୍ଷେପରେ ମନୋଜ



**ଜନ୍ମ : ୨୭-୦୨-୧୯୩୪**

**ଶଂଖାରି, ଥାନା-ଭୋଗରାଇ, ଜିଲ୍ଲା-ବାଲେଶ୍ୱର**

ବିଶ୍ୱନାଥ ଏକାଡେମୀ, ଜମାଲପୁରରୁ ମାଇନର ପାଶ୍ ପରେ ବାଲେଶ୍ୱର ଜିଲ୍ଲା ସ୍କୁଲ୍‌ରେ ଅଧ୍ୟୟନ । ଜିଲ୍ଲା ସ୍କୁଲ୍‌ରେ ପଢ଼ିଲାବେଳେ ହିଁ ‘ଦିଗନ୍ତ’ ସାହିତ୍ୟ ପତ୍ରିକା ସେ ପ୍ରକାଶ କରନ୍ତି । କେତୋଟି ସଂଖ୍ୟାପରେ ତାହା ବନ୍ଦ ହୋଇଯାଏ । ୧୯୫୯ରେ କଟକରୁ ତାହା ପୁନଃ ପ୍ରକାଶିତ ହୁଏ । ସେ ପଣ୍ଡିଚେରୀ ଚାଲିଗଲାପରେ କବି ସଚ୍ଚି ରାଉତରାୟ ସେ ପତ୍ରିକାର ସଂପାଦନା ଦାୟିତ୍ୱ ବହନ କରନ୍ତି ।

ଫକୀରମୋହନ ମହାବିଦ୍ୟାଳୟ, ବାଲେଶ୍ୱରରେ ତୃତୀୟ ବାର୍ଷିକ ବି.ଏ. ଶ୍ରେଣୀରେ ଅଧ୍ୟୟନ କାଳରେ ଛାତ୍ର ୟୁନିୟନ୍‌ର ସଭାପତି । ବି.ଏ. ଅନ୍ତିମ ବର୍ଷ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ପୁରୀରେ ଅଧ୍ୟୟନ କରି ସେଠାରୁ ସ୍ନାତକ ଉପାଧି ପ୍ରାପ୍ତ । କଟକ ମଧୁସୂଦନ ଆଇନ୍ ମହାବିଦ୍ୟାଳୟରେ ଦୁଇବର୍ଷ ଅଧ୍ୟୟନ, ମାତ୍ର ପରୀକ୍ଷା ଦେବାରୁ ବିରତ । ଅଥଚ ସେଇ ଦୁଇବର୍ଷ ଅଧ୍ୟୟନ କାଳରେ ମହାବିଦ୍ୟାଳୟ ଛାତ୍ର ୟୁନିୟନ୍‌ର ଅପ୍ରତିଦ୍ୱନ୍ଦ୍ୱୀ ସଭାପତି ରୂପେ ନିର୍ବାଚିତ । ଛାତ୍ର ଜୀବନରେ ନିଖିଳ ଉତ୍କଳ ଛାତ୍ର ସଂଘର ମୁଖପତ୍ର ‘ଆଗାମୀ’ର ସେ ସଂପାଦନା କରନ୍ତି । ଶେଷରେ କଟକ ରେଭେନ୍‌ସା ମହାବିଦ୍ୟାଳୟରୁ ୧୯୫୯ମସିହାରେ ଇଂରାଜୀରେ ଏମ୍.ଏ. ପାଶ୍ । ଏହାପରେ କଟକ ଖ୍ରୀଷ୍ଟ ମହାବିଦ୍ୟାଳୟରେ କିଛିକାଳ ଅଧ୍ୟାପନା । ୧୯୫୯ରେ ହିଁ କୁଜଙ୍ଗ ରାଜବଂଶର ଦାୟାଦ ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନାରାୟଣ ବୀରବର ସାମନ୍ତଙ୍କ କନ୍ୟା ପ୍ରତିଜ୍ଞା ଦେବୀଙ୍କ ସହ ବିବାହ । ପ୍ରତିଜ୍ଞାଙ୍କ ମାତା ରତ୍ନମାଳୀ ଜେମା ମଧ୍ୟ ଥିଲେ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶା ବିଧାନସଭାର ସଦସ୍ୟା । ୧୯୮୫-୧୯୮୯ ମଧ୍ୟରେ ସମ୍ଭ୍ରାନ୍ତ ଇଂରାଜୀ ମାସିକ ପତ୍ରିକା ‘THE HERITAGE’ର ସେ ସଂପାଦନା କରନ୍ତି । ୧୯୬୩ ମସିହାରେ ଉଭୟ ମନୋଜ ଓ ପ୍ରତିଜ୍ଞା ଶ୍ରୀଅରବିନ୍ଦଙ୍କ ଆଧ୍ୟାତ୍ମିକ ଆଦର୍ଶରେ ଆକୃଷ୍ଟ ହୋଇ ପଣ୍ଡିଚେରୀସ୍ଥିତ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ଅଧ୍ୟାପକଭାବେ ଯୋଗ ଦିଅନ୍ତି । ସେଠାରେ ମନୋଜ ବାବୁ ଇଂରାଜୀ ଓ ପ୍ରତିଜ୍ଞା ଦେବୀ ମନସ୍ତତ୍ତ୍ୱ ବିଭାଗରେ ଅଧ୍ୟାପନାରତ । ଅଦ୍ୟାବଧି ପଣ୍ଡିଚେରୀହିଁ ଦୁହିଁଙ୍କର ତପସ୍ୟାର ତପୋବନ । ❑❑❑



ମାତ୍ରାରେ ଥାଏ ଗପିବା ପ୍ରବୃତ୍ତିରୁ ଆରମ୍ଭ କରି ସାମାଜିକ ଅଙ୍ଗୀକାର ପର୍ଯ୍ୟନ୍ତ ନାନାଦି ହେତୁ ।

**ପ୍ରସନ୍ନ:** କେଉଁସବୁ ଓଡ଼ିଆ କଥାକାର ଓ କବି ଆପଣଙ୍କୁ ଭଲ ଲାଗନ୍ତି ଓ କାହିଁକି ?

**ମନୋଜ:** ଏ ପ୍ରଶ୍ନର ଉତ୍ତର ଦେବାକୁ ହେଲେ-ବିଶେଷତଃ 'କାହିଁକି'ର, ଗୋଟିଏ ଛୋଟିଆ ବହି ଲେଖିବାକୁ ହେବ ।

**ପ୍ରସନ୍ନ:** ଆପଣଙ୍କ ଗଳ୍ପସମୂହ ପାଶ୍ଚାତ୍ୟ ଦେଶମାନଙ୍କରେ ମଧ୍ୟ ଶ୍ରେଷ୍ଠ କଥା-ସମ୍ଭାର ଭାବେ ସ୍ୱୀକୃତ । ସେମାନଙ୍କ ଗପରେ ଆମ ଗପଠୁ' ପ୍ରକୃତରେ ଅଧିକ କିଛି ଅଛି କି ?

**ମନୋଜ:** 'ଅଧିକ' ନ ଥିଲେ ବି ବୈଚିତ୍ର୍ୟ ରହିଛି । ଯେ କୌଣସି ଦୁଇଟି ଭାଷାର ସାହିତ୍ୟ ଭିତରେ ବା ଦେଶ ଦେଶର ସାହିତ୍ୟ ଭିତରେ ତୁଳନା ମୋତେ ଅସ୍ୱାଭାବିକ ଲାଗେ । ପ୍ରତି ଭାଷାର ନିଜସ୍ୱ ବିକାଶ ଧାରା ରହିଛି । ସୃଜନଶୀଳ ଚେତନାର ଭୂମି ଭିତ୍ତିକ ବିକାଶ ରହିଛି । ଗୋଟିଏ ଭାଷାର ଶ୍ରେଷ୍ଠ ଉପନ୍ୟାସ ଅନ୍ୟ ଭାଷାର ଶ୍ରେଷ୍ଠ ଉପନ୍ୟାସ ତୁଳନାରେ ଆଙ୍ଗିକ, ଦାର୍ଶନିକତା, ମନସ୍ତାତ୍ତ୍ୱିକ ଗଭୀରତା ଇତ୍ୟାଦି ଦୃଷ୍ଟିରୁ ଭିନ୍ନ ହୋଇପାରେ । କିନ୍ତୁ ନିଜନିଜ ପରିପ୍ରେକ୍ଷୀରେ ସେମାନେ ଶ୍ରେଷ୍ଠ ।

**ପ୍ରସନ୍ନ:** ଆପଣାର ବାଗ୍ମୀତାରେ ମୁଗ୍ଧ ହୋଇ ଜଣେ ପ୍ରଖ୍ୟାତ 'ବାବା' ବା 'ସ୍ୱାମୀଜୀ'ରେ ରୂପାନ୍ତରିତ ହୋଇଯିବାକୁ କେବେ ପ୍ରଲୁବ୍ଧ ହୋଇ ନାହାନ୍ତି?

**ମନୋଜ:** ମୋତେ ଆପଣଙ୍କ ଭଳି ଶୁଭେଚ୍ଛୁ କାହିଁକି 'ବାଗ୍ମୀ' କହନ୍ତି ମୁଁ ଜାଣେନା । ତାହା ଏକ ବିଶେଷ ଗୁଣ ବୋଲି ମୁଁ କେବେ ବିଚାରି ନାହିଁ । ମୋ ବିଶ୍ୱାସ ଅନୁସାରେ ମୁଁ ମୋ ବକ୍ତବ୍ୟ ପରିବେଷଣ କରିଥାଏଁ-ଏବଂ ସତ କଥା କହିଲେ ଜଣେ ଅନିଚ୍ଛୁକ ବକ୍ତା ହେବା ସତ୍ତ୍ୱେ ।

ହଁ, ଆପଣ ମନେ ପକାଇଦେଲେ । ଥରେ ଆମେରିକାରେ ଏକ ପ୍ରଶ୍ନୋତ୍ତର ବୈଠକରେ ଯୋଗ ଦେଇଥିଲେ ଜଣେ ଶିଳ୍ପପତି । ମୁଁ ଦେଉଥିବା ଉତ୍ତରସବୁ ସେ ଗଭୀର ଧ୍ୟାନ ଦେଇ ଶୁଣୁଥାନ୍ତି-ଏତକ ବୁଝୁଥିଲି । ବୈଠକ ପରେ, ରାତିରେ ସେ ମୋତେ ଏକାନ୍ତରେ ଭେଟି ପ୍ରସ୍ତାବ ଦେଲେ: ମୁଁ ସେ ଦେଶରେ ରହିଗଲେ ସେ ମୋତେ ଅଚିରେ ବିଖ୍ୟାତ କରିଦେବେ । ସେ ଜନପ୍ରିୟ ଶିକ୍ଷକ ପର୍ଯ୍ୟାୟର ଜଣକର ନାମ

## ମନୋଜ-ସୃଜନାୟତନ

**କବିତା ସଂକଳନ :**
ଶତାବ୍ଦୀର ଆର୍ତ୍ତନାଦ
ବିପ୍ଳବୀ ଫକୀରମୋହନ
ପଦଧ୍ୱନି
ଉପନିବେଶ
ତୁମ ଗାଁ
ନନ୍ଦାବତୀର ମାଟି
କବିତା ଉତ୍କଳ

**ଗଳ୍ପ ସଂକଳନ :**
ସମୁଦ୍ରର କ୍ଷୁଧା
ଜୀବନର ସ୍ୱାଦ
ବିଷକନ୍ୟାର କାହାଣୀ
ଆରଣ୍ୟକ
ଶେଷ ବସନ୍ତର ଚିଠି
ମନୋଜ ଦାସଙ୍କ କଥା ଓ କାହାଣୀ
ଲକ୍ଷ୍ମୀର ଅଭିସାର
ଆବୁ ପୁରୁଷ ଓ ଅନ୍ୟାନ୍ୟ କାହାଣୀ
ଧୂମ୍ରାଭ ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ
ମନୋଜ ପଂଚବିଂଶତି
ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ
ଅବୋଲକରା କାହାଣୀ
ବୁଲ୍‌ଡୋଜର୍ସ
ମନୋଜ ଦାସଙ୍କ ଉପକଥା ଶତକ
ମନୋଜ ଦାସଙ୍କ ଗଳ୍ପ





**ଉପନ୍ୟାସ :**
ପ୍ରଭଂଜନ
ଆକାଶର ଇସାରା
ତନ୍ଦ୍ରାଲୋକର ପ୍ରହରୀ
ଗୋଧୂଳିର ବାଘ
ଅମୃତଫଳ

**ଆତ୍ମ କଥନ :**
ସମୁଦ୍ର କୂଳର ଏକ ଗାଁ

**ଶିଶୁ-କିଶୋର ସାହିତ୍ୟ :**
କନକ ଉପତ୍ୟକାର କାହାଣୀ
ଚତୁର୍ଥ ବନ୍ଧୁ
Legends of India's Rivers
Legends of India's Temples
Stories of Light & Delight
Books for Ever
A Bride inside a Casket & other stories
Tales from many Lands
Persian Tales of Wit & Delight



**ଭ୍ରମଣ କାହାଣୀ :**
ଇଣ୍ଡୋନେସିଆ ଅନୁଭୂତି
ଦୂର ଦୂରାନ୍ତର
ଅଦୂର ବିଦେଶ

**ଲଳିତ ନିବନ୍ଧ :**
କେତେ ଦିଗନ୍ତ (୧ମ ଓ ୨ୟ ଭାଗ)
ବିପୁଳାଚ ପୃଥ୍ୱୀ

**Short Story Books in English :**
Short stories by Manoj Das
A Song for Sunday & other stories
The Crocodile's Lady & other stories
Fables & Fantacies for Adluts
The Vengeance & other stories
The Submurged Village & other stories
Farewell to a Ghost and other stories
Selected Fiction (Penguin)
A Tiger at Twilight (Penguin)
Chasing the Rain-bow (Oxford)
The Man who lifted the mountain and other stories
Tales told by Mystics

**Other Books :**
Sri Aurobindo
Sri Aurobindo in the first decade of the century

[ ମନୋଜ-ସାହିତ୍ୟର ଏହି ଗ୍ରଂଥସୂଚୀ ହୁଏତ ପୂର୍ଣାଂଗ ନୁହେଁ; ଏ ସଂଭାବନାକୁ ସ୍ୱୀକାର କରୁଛୁ । -ସଂପାଦକ ]





ଉଲ୍ଲେଖକରି କହିଲେ 'ସେ ଯେଉଁ ଜନପ୍ରିୟତା ଓ ବିତ୍ତ ଅର୍ଜନ କରିଛି, ତାହା ପ୍ରାୟତଃ ପ୍ରଚାର ଉପରେ ହୋଇଛି ଏବଂ ଲୋକଟିର କୌଶଳୀ ବକ୍ତୃତା ତାକୁ ବଜାୟ ରଖିଛି । ଆପଣଙ୍କ ଅଭ୍ୟୁଦୟରେ ସେ ଦବିଯିବ ।'

ମୁଁ କ୍ଷମାପ୍ରାର୍ଥନା ସହକାରେ ଜଣାଇଲି, କାହାକୁ ଦବାଇବା ମୋର ଆଭିମୁଖ୍ୟ କାଦପି ହୋଇ ନପାରେ ! ସେ ବୁଝିଲେ ନାହିଁ । ଅନ୍ତତଃ ବର୍ଷଟିଏ ରହିବାକୁ ଜିଗର ଲଗାଇଲେ । ମୁଁ ଅନ୍ୟତ୍ର ଯିବା ପରେ ମଧ୍ୟ ଫୋନ୍ ଯୋଗେ ମୋତେ ରାଜି କରାଇବାର ଚେଷ୍ଟା କରିଗଲେ । ବିଡ଼ମ୍ବନା କେତେ ପ୍ରକାର ହୋଇପାରେ !

**ପ୍ରସନ୍ନ: ନିଜର ଉତ୍ତୀର୍ଣ୍ଣ ଜୀବନ ଯାପନ ଓ ଉଚ୍ଚମାନର ସାହିତ୍ୟ ସର୍ଜନପରି ସାମାଜିକ ଅବଦାନର ଅତିରିକ୍ତ ନିଜ ଅସ୍ତିତ୍ୱନେଇ ଆଉ କିଛିର ଅପୂର୍ଣ୍ଣତାବୋଧ କେବେ ସ୍ପର୍ଶ ବା ଆକ୍ରାନ୍ତ କରିଛି ଆପଣଙ୍କୁ?**

ମନୋଜ: ଅପୂର୍ଣ୍ଣତାବୋଧ ଏକ ବିବର୍ତ୍ତନଗତ ନିୟମ । ସାହିତ୍ୟ ସୃଜନ, ସାମାଜିକ ସାଫଲ୍ୟ, ଏସବୁରେ ଜଣେ ଯେତେ ଅଗ୍ରଗାମୀ ହେଲେ ମଧ୍ୟ ସେ ଅପୂର୍ଣ୍ଣତାବୋଧରୁ ଛୁଟି ମିଳିବ ନାହିଁ । ମିଳିବା ଉଚିତ୍ ନୁହେଁ । ତାହା ଚେତନାଗତ ଅପୂର୍ଣ୍ଣତାବୋଧ । ଯେ ପର୍ଯ୍ୟନ୍ତ ମଣିଷ ଏକ ମୁକ୍ତ, ପୂର୍ଣ୍ଣ ଚେତନାର ଅଧିକାରୀ ନ ହୋଇଛି, ସେ ପର୍ଯ୍ୟନ୍ତ ଅପୂର୍ଣ୍ଣତାବୋଧ ତା' ଭିତରେ ରହିଥିବ ।

**ପ୍ରସନ୍ନ: ଓଡ଼ିଆ ପତ୍ର ପତ୍ରିକାର କ୍ଷୀଣ ପ୍ରସାରଣ ପାଇଁ ଲେଖକ, ପାଠକ ବା ସଂପାଦକ; କାହାକୁ ଦାୟୀ କରିବେ ଆପଣ ?**

ମନୋଜ: ସେ ସଂପର୍କରେ ଚିନ୍ତା କରିନାହିଁ-ସମ୍ଭବତଃ ଓଡ଼ିଶାଠୁଁ ୪୧ବର୍ଷ ଧରି ବାହାରେ ରହିଥିବା ଯୋଗୁଁ । ଏ ପ୍ରଶ୍ନର ଉତ୍ତର ଦେବାକୁ ହେଲେ ପରିସ୍ଥିତି ସଂପର୍କରେ ବାସ୍ତବ ଜ୍ଞାନ ଥିବା ଅତ୍ୟାବଶ୍ୟକ ।

(ଉପର୍ଯ୍ୟୁକ୍ତ ପ୍ରଶ୍ନଗୁଡ଼ିକ କବି ଡ. ପ୍ରସନ୍ନ କୁମାର ମହାନ୍ତିଙ୍କର ।)

## ମନୋଜଙ୍କୁ ମିଳିଥିବା ସ୍ୱୀକୃତି ଓ ସମ୍ମାନ



**ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର-୧୯୬୫**
**ସାହିତ୍ୟ ଏକାଡେମୀ ପୁରସ୍କାର-୧୯୭୧**
**ସାରଳା ସମ୍ମାନ-୧୯୮୦**
**ବିଷୁବ ପୁରସ୍କାର-୧୯୮୭**
**ସାହିତ୍ୟ ଭାରତୀ ସମ୍ମାନ-୧୯୯୪**
**ସରସ୍ୱତୀ ସମ୍ମାନ-୨୦୦୦**
**ପଦ୍ମଶ୍ରୀ ସମ୍ମାନ-୨୦୦୦**
**ସଂସ୍କୃତି ବିଶ୍ୱବିଦ୍ୟାଳୟ, ଓଡ଼ିଶା ଦ୍ୱାରା ସମ୍ମାନସୂଚକ ଡି.ଲିଟ୍. ଉପାଧିରେ ଭୂଷିତ ।**
**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା 'ପ୍ରଫେସର ଏମେରିଟସ୍ ଅଫ୍ କଲଚର' ପ୍ରଦତ୍ତ ।**
**ଏକାଧିକ ବିଶ୍ୱବିଦ୍ୟାଳୟ ଦ୍ୱାରା Honorary Emeritus Professor ଭାବେ ମନୋନୀତ । ◻◻◻**

**ମମତା: ଜଣେ ଉଚ୍ଚାଙ୍ଗ ସାହିତ୍ୟିକ ବା କଳାକାରର ସୃଷ୍ଟି ପ୍ରକ୍ରିୟାର ସଫଳତା ନିମିତ୍ତ ପ୍ରତିଭା, ପ୍ରେରଣା, ପରିଶ୍ରମ, ପ୍ରତିଷ୍ଠା ଓ ସ୍ୱୀକୃତିଲାଭ- ଏ ସମସ୍ତ ଆବଶ୍ୟକତା ଭିତରୁ କାହାର ଗୁରୁତ୍ୱ ସର୍ବାଧିକ ବୋଲି ଆପଣ ମନେ କରନ୍ତି ?**

ମନୋଜ: ଏ କ୍ଷେତ୍ରରେ ପ୍ରତିଭା ଓ ପ୍ରେରଣାର ସମନ୍ୱିତ ଭୂମିକା ହିଁ ମୁଖ୍ୟ। ଏ ସମନ୍ୱୟ ନଥିଲେ ପରିଶ୍ରମ ବୃଥା; ପ୍ରତିଷ୍ଠା ଓ ସ୍ୱୀକୃତି ମିଳିପାରେ କିମ୍ବା ବିଳମ୍ବରେ ମିଳିପାରେ କିମ୍ବା ନ ମିଳିପାରେ ମଧ । ଯଦି ମିଳେ, ତେବେ ପ୍ରତିଭା ଓ ପ୍ରେରଣା ପ୍ରସୂତ ସୃଜନ ଯୋଗୁ ହିଁ ମିଳିବ । ଅବଶ୍ୟ କୃତ୍ରିମ ଉପାୟରେ ପ୍ରତିଷ୍ଠା ବା ସ୍ୱୀକୃତି ହାସଲ କରି ନିଅନ୍ତି କେହି କେହି-କିନ୍ତୁ ସେସବୁ ସାମୟିକ ଆଖି ଝଲସାଇବା ବ୍ୟାପାର । ଅଳୀକ ।

**ମମତା: ଆଧୁନିକ କବି, ସାହିତ୍ୟିକ, ଯେ କୌଣସି କଳାକାରମାନଙ୍କର (ଅଧିକାଂଶଙ୍କର) ବିଶ୍ୱାସ ଯେ କୌଣସି ଆଧାତ୍ମିକ ମାର୍ଗର ସାଧକର ସୃଜନଶୀଳତା ଉଚ୍ଚମାନର ହୋଇପାରିବ ନାହିଁ । କାରଣ, ଆତ୍ମିକ ଅନୁସଂଧାନର ଆନ୍ତରିକ ପ୍ରଚେଷ୍ଟା ହେତୁ ସେ ନିଜର ଆବେଗ, ସଂବେଗ, ଇନ୍ଦ୍ରିୟବୃତ୍ତି ମଧ୍ୟରୁ ଉଦ୍‌ଭୂତ ଅନୁଭୂତି ଓ ଅଭିଜ୍ଞତାକୁ ଶୃଂଖଳିତ ଓ ସୀମାବଦ୍ଧ କରିବାକୁ ବାଧ୍ୟ। ଜୀବନର, ନିଜର ସତ୍ତାର ଅନେକ ଅଂଚଳର ଅଭିଜ୍ଞତା ଲାଭ କରିବାଠାରୁ ନିଜକୁ ଦୂରେଇ ରଖିବାକୁ ବାଧ୍ୟ । ଏଥିରେ କିଛି ସତ୍ୟତା ରହିଛି କି ? ବିଶ୍ୱର ଶ୍ରେଷ୍ଠ କବି, ସାହିତ୍ୟିକ, ଶିଳ୍ପୀମାନଙ୍କ ଭିତରେ କେଉଁମାନେ କୌଣସି ଆଧାତ୍ମିକ ମାର୍ଗର ସାଧକ ହୋଇଥିବାର ଦୃଷ୍ଟାନ୍ତ ଅଛି କି? (ରାମାୟଣ, ମହାଭାରତ, ବେଦ, ଉପନିଷଦର ରଚୟିତାଙ୍କୁ ଛାଡ଼ି) ।**

ମନୋଜ: ମୋର ଧାରଣା, ଏ ବିଶ୍ୱାସ ସାଧାରଣ ଭାବରେ ଭୁଲ ନୁହେଁ । କିନ୍ତୁ ଯେଉଁ କାରଣ କଥା ଆପଣ କହୁଛନ୍ତି, ତାହା ଠିକ୍ ନୁହେଁ । ଆବେଗ, ସରାଗ, ଇନ୍ଦ୍ରିୟ ବୃତ୍ତିର ସଂଯମ ସୃଜନଶୀଳ ସାହିତ୍ୟ ସ୍ରୋତକୁ ରୋକିବାର କାରଣ ନାହିଁ । ସେଭଳି ସଂଯମ ଉନ୍ନତ ପର୍ଯ୍ୟାୟର ସାହିତ୍ୟକୁ ଅଧିକ ଶାଣିତ କରିବ ନାହିଁ କାହିଁକି? କିନ୍ତୁ କାରଣ ହେଲା, ଏକାଗ୍ର ଆଧାତ୍ମିକ ମାର୍ଗର ପଥିକ ଲେଖାଲେଖି ଦିଗରେ ଆଗ୍ରହୀ ହୁଏ ନାହିଁ । ନିଜର ଅନ୍ତର୍ଲୀନ ଅବସ୍ଥା ଉପରେ ସେ ମୂଲ୍ୟାରୋପଣ କରେ; ଅନ୍ୟ ସବୁକଥା ତାକୁ ସେମିତି ଗୁରୁତ୍ୱପୂର୍ଣ୍ଣ ଲାଗନ୍ତି ନାହିଁ ।

**ମମତା: ଶ୍ରୀ ଅରବିନ୍ଦଙ୍କର ଯୋଗ ମାର୍ଗ ଗ୍ରହଣ କରିବା ପୂର୍ବରୁ ଆପଣ ସାହିତ୍ୟ ସାଧନା ଆରମ୍ଭ କରିଥିଲେ । ଏହି ଯୋଗ ସାଧନା ଓ ଶ୍ରୀମା-ଶ୍ରୀ ଅରବିନ୍ଦଙ୍କର ଦର୍ଶନ ପ୍ରତି ଏକନିଷ୍ଠତା ଆଣଙ୍କର ସାହିତ୍ୟିକ ଚେତନାରେ କି ଉଲ୍ଲେଖଯୋଗ୍ୟ ପ୍ରଭାବ ପକାଇଥିଲା?**

ମନୋଜ: ଏ ଦର୍ଶନ ଯେହେତୁ ମୋ ଜୀବନକୁ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ କରିଛି, ମୋ ସାହିତ୍ୟକୁ ପରୋକ୍ଷ ଭାବରେ ପ୍ରଭାବିତ କରିବା ସ୍ୱାଭାବିକ । କିନ୍ତୁ ସେ ପ୍ରଭାବ ଅନ୍ତଃସଲିଳା । ତାର ଘୋଷଣା ନାହିଁ ।

**ମମତା: ଆପଣଙ୍କର ସମସ୍ତ ରଚନାର ମୁଁ ଜଣେ ପ୍ରିୟ ପାଠିକା । ଆପଣଙ୍କର ଗଳ୍ପ ଓ ଉପନ୍ୟାସର ନାନାଦି ଗଭୀର ଅଂଚଳ ଭିତରୁ ମୁଁ ଅନେକ ରହସ୍ୟ ଖୋଜି ପାଇଛି । କିନ୍ତୁ, ମୋର ମନେହୁଏ, କୌଣସି ଜୀବନ୍ତ ଚରିତ୍ରର ଦୈନନ୍ଦିନ ଜୀବନର ସଂଘର୍ଷ, ଛୋଟବଡ଼ ଅସଂଖ୍ୟ ଅନୁଭୂତି, ମନସ୍ତାତ୍ତ୍ୱିକ ଜଟିଳତା, ସାମାଜିକ, ପାରିବାରିକ ବାଧା ବନ୍ଧନ ଭିତରେ ଛଟପଟ ହେବାର ଯନ୍ତ୍ରଣା, ଆଶା, ହତାଶାକୁ ଧାରଣ କରିଥିବା ସ୍ଥିତିକୁ କାବ୍ୟରୂପ ପ୍ରଦାନ କରିବା ଅପେକ୍ଷା, ଆପଣ ଯେପରି ତାର ଏକ ଗୂହ୍ୟ, ଅତିନ୍ଦ୍ରୀୟ ସ୍ଥିତିକୁ ଧରିନେଇଥାନ୍ତି । ତାକୁ ମଣିଷର ଏକ**